بسم الله الرحمن الرحيم

## ୧୮ ଫେବୃଆରୀ ୨୦୨୨ ଖୁତବା ଜୁମାର ସାରାଂଶ
## ସ୍ଥାନ – ମସଜିଦ ମୁବାରକ୍ ଇସଲାମାବାଦ୍, ଲଣ୍ଡନ

**ମୁସଲେହ୍ ମଉଦର ଭବିଷ୍ୟତ ବାଣୀ ପୂରଣ ହେବା ଏବଂ ହଜରତ ମୁସଲେହ୍ ମଉଦ [ର.ଅ]ଙ୍କର ବିଭିନ୍ନ ବିଶେଷତ୍ୱ ପ୍ରସଙ୍ଗରେ ଆପଣଙ୍କର ଆଲେଖ୍ୟର ପ୍ରକାଶ୍ୟରେ କିଛି ବିଶ୍ୱାସ ବର୍ଦ୍ଧକ ଚର୍ଚ୍ଚା ।**

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ ଅମ୍ମା ବାଦ୍‌ଫଂଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍ ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଈନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ୱଲଜ୍ୱାଲ୍‌ଲିନ୍

ତଶହୁଦ୍, ତଉଜ ଓ ସୁରଃ ଫାତିହାର ଆବୃତ୍ତି କରିବା ପରେ ହଜୁର ଅନଓ୍ୱର[ଅ.ବ] କହିଲେ; ହଜରତ ମସିହ ମଉଦ[ଅ.ସ] ଇସଲାମର ବିରୋଧୀମାନଙ୍କ ଏହି ଆପତ୍ତି ଯେ ଇସଲାମ (ଧର୍ମ) କୌଣସି ନିଦର୍ଶନ ଦେଖାଇବାରେ ଅକ୍ଷମ । ଏହାର ଖଣ୍ଡନ କରି ଆପଣ[ଅ.ସ] ନିଜ ପାଳନକର୍ତ୍ତାଙ୍କ ଠାରୁ ସୂଚନା ପାଇ ଏକ ମହାନ ନିଦର୍ଶନ ପାଇବା ସକାଶେ ଏକ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ୫୨/୫୩ ଗୋଟି ସୁଗୁଣର ଅଧିକାରୀ ହେବା ନିଜର ଏକ ଯୋଗ୍ୟ ସନ୍ତାନ ଜନ୍ମ ଗ୍ରହଣ କରିବାର ସୁସମାଚାର ଦେଲେ । ଯେ ଆପଣଙ୍କ କହିବାନୁଯାୟୀ କେବଳ ସେହି ଧାର୍ଯ୍ୟ ଅବଧି ମଧ୍ୟରେ ଜନ୍ମ ଗ୍ରହଣ କଲା ନାହିଁ ବରଂ ସେ ଦୀର୍ଘାୟୁ ମଧ୍ୟ ହେଲା । ପୁଣି ତାହାକୁ ଇସଲାମର ଅସାଧାରଣ ସେବା ସମ୍ପାଦନ କରିବାର ଅବସର ମଧ୍ୟ ମିଳିଲା । ଉକ୍ତ ଭବିଷ୍ୟତ ବାଣୀକୁ ଆମେ ପ୍ରତ୍ୟେକ ବର୍ଷ ଫେବୃଆରୀ ୨୦ରିଖ ଦିନ ପେଶ୍‌ଗୋଇ ମୁସଲେହ୍ ମଉଦ (ଅଙ୍ଗୀକାର ସଂସ୍କାରକ) ରୂପେ ପାଳନ କରିଥାଉ ଏବଂ ତାହାର ବିଭିନ୍ନ ଦିଗ ଉପରେ ସମସ୍ତ ଜମାଅତରେ ଜଲସାର ଆୟୋଜନ କରି ଆଲୋକପାତ କରାଯାଇଥାଏ ତଥା ଆମ ଏମ୍.ଟି.ଏ ଚ୍ୟାନେଲ୍‌ରେ ଏହି ପରିପ୍ରେକ୍ଷୀରେ କାର୍ଯ୍ୟକ୍ରମ ମଧ୍ୟ ପ୍ରସାରଣ କରାଯାଇଥାଏ ।

ଭବିଷ୍ୟତ ବାଣୀ ଅନୁଯାୟୀ ଦୀର୍ଘ ବୟସ ପ୍ରାପ୍ତକାରୀ ଉକ୍ତ ବାଳକର ସ୍ୱାସ୍ଥ୍ୟାବସ୍ଥା ସଂକ୍ରାନ୍ତରେ ହଜରତ ମୁସଲେହ୍ ମଉଦ[ର.ଅ] ସ୍ୱୟଂ କୁହନ୍ତି; ବାଲ୍ୟ କାଳରେ ମୋର ସ୍ୱାସ୍ଥ୍ୟାବସ୍ଥା ଅତି ଦୁର୍ବଳ ଓ ଶୋଚନୀୟ ଥିଲା । ସର୍ବପ୍ରଥମେ ମୋର କଳା କାଶ ଆରମ୍ଭ ହେଲା ଏବଂ ମୋର ସ୍ୱାସ୍ଥ୍ୟାବସ୍ଥାରେ ଏପରି ଅବନତି ଘଟିଲା ଯେ ୧୧/୧୨ ବର୍ଷ ବୟସରେ ମୁଁ ଜୀବନ ମରଣର ଅସ୍ଥିର ନୌକାରେ ଟଳମଳ ହେଉଥିଲି । ମୋର ଦୃଷ୍ଟିଶକ୍ତି ମଧ୍ୟ ଦୁର୍ବଳ ହୋଇଗଲା ଏବଂ ୬/୭ ମାସ ପର୍ଯ୍ୟନ୍ତ ମୋତେ କ୍ରମାଗତ ଭାବରେ ଜ୍ୱର ଆସୁଥିଲା ଏବଂ ମୋତେ ଟି.ବି (ଯକ୍ଷ୍ମା) ହୋଇଛି ବୋଲି କୁହାଗଲା । ଏହି କାରଣରୁ ମୁଁ ନିୟମିତ ରୂପେ ପାଠ ମଧ୍ୟ ପଢିପାରୁ ନଥିଲି । ଅଧିକାଂସ ସମୟରେ ସ୍କୁଲ ଯାଇପାରୁ ନଥିଲି । ଏପରି ଅବସ୍ଥାରେ କିଏ କହିପାରିବ ଯେ ମୁଁ ଅର୍ଥାତ ଅଙ୍ଗୀକାର ସଂସ୍କାରକ ଏଭଳି (ପ୍ରକାଶ୍ୟ ଓ ଅପ୍ରକାଶ୍ୟ) ଜ୍ଞାନରେ ପରିପୂର୍ଣ୍ଣ ହେବ । ଆପଣ[ର.ଅ] ଆହୁରି କୁହନ୍ତି; ହଜରତ ମସିହ ମଉଦ[ଅ.ସ] କହିଲେ, ଯଦି ଏ କେବଳ କୁରଆନ ଓ ହଦିସ୍ ପଢିନିଏ ତେବେ ତାହା ହିଁ ଯଥେଷ୍ଟ । ଆପଣ[ର.ଅ] କୁହନ୍ତି; ମୋର ସ୍ୱାସ୍ଥ୍ୟାବସ୍ଥା ଏତେ ଦୁର୍ବଳ ଥିଲା ଯେ ମୁଁ ସାଂସାରିକ ପାଠ ଅଧ୍ୟୟନ କରିବାକୁ ସମ୍ପୂର୍ଣ୍ଣ ରୂପେ ଅକ୍ଷମ ଥିଲି । ମୁଁ ପ୍ରାଥମିକ, ମାଧ୍ୟମିକ ଓ ଏଣ୍ଟ୍ରାନ୍‌ସ୍‌ର ପରୀକ୍ଷାରେ ଅସଫଳ ହେଲି । ଏପରିକି କୌଣସି ପରୀକ୍ଷାରେ ମଧ୍ୟ ଉତ୍ତିର୍ଣ୍ଣ ହୋଇପାରିଲି ନାହିଁ ।

ଆପଣ[ର.ଅ] କୁହନ୍ତି; ପରମେଶ୍ୱର ମୋ ପ୍ରସଙ୍ଗରେ ସୂଚନା ପ୍ରଦାନ କରିଥିଲେ ଯେ ସେ ପ୍ରକାଶ୍ୟ ଓ ଅପ୍ରକାଶ୍ୟ

ଜ୍ଞାନରେ ପରିପୂର୍ଣ୍ଣ ହେବ । ବସ୍ତୁତଃ ମୁଁ କୌଣସି ସାଂସାରିକ ଜ୍ଞାନ ଆହରଣ କରି ନାହିଁ । ଏହା ସତ୍ତ୍ୱେ ଅଲ୍ଲାଃତାଲା ମୋ କଲମରୁ ଏଭଳି ଏଭଳି ଅଭିନବ ଓ ବିଖ୍ୟାତ ପୁସ୍ତକମାନ ରଚନା କରାଇଲେ ଯାହାକୁ ଦେଖି ସଂସାରବାସୀ ଏହା ସ୍ୱୀକାର କରିବାକୁ ବାଧ ହେଲେ ଯେ ଆ'ଠାରୁ ବଳି ଇସଲାମର ସମସ୍ୟାମାନ ସଂକ୍ରାନ୍ତରେ ଆଉ କିଛି ଲେଖା ଯାଇ ପାରେନା । ପବିତ୍ର କୁରଆନର ବ୍ୟାଖ୍ୟା କରି ତଫସିରେ କବିର୍ ନାମରେ ଏକାଧିକ ଖଣ୍ଡ (ପୁସ୍ତକ) ରଚନା କଲେ । ଯାହାକୁ ଅଧ୍ୟୟନ କରି ଆମ ବିରୋଧୀମାନେ ମଧ୍ୟ ସ୍ୱୀକାର କଲେ ଯେ ଏପରି ବ୍ୟାଖ୍ୟା ଆଜି ପର୍ଯ୍ୟନ୍ତ କେହି ଲେଖି ନାହାନ୍ତି ।

ହଜରତ ମୁସଲେହ୍ ମଉଦ[ର.ଅ] କୁହନ୍ତି; ମୁଁ ଯେତେବେଳେ ବାଳକ ଥିଲି ଏକଦା ସ୍ୱପ୍ନରେ ଜଣେ ଦେବଦୂତଙ୍କୁ ଦେଖିଲି ଯେ ଆସି ମୋତେ ସୁରେଃ ଫାତିହାର ବ୍ୟାଖ୍ୟା ଶିଖାଇବା ଆରମ୍ଭ କଲେ ଏବଂ ଯେତେବେଳେ ସେ ଇୟାକା ନାବୁଦୁ ଓ୍ୱଇୟାକା ନସ୍ତଇନ୍‌ରେ ପହଂଚିଲେ ସେତେବେଳେ କହିଲେ, ଆଜି ପର୍ଯ୍ୟନ୍ତ ଯେତେ ବ୍ୟାଖ୍ୟାକାରୀ ଆସିଛନ୍ତି ସେମାନେ ଏହି ଆୟତ ପର୍ଯ୍ୟନ୍ତ ହିଁ ବ୍ୟାଖ୍ୟା କରିଛନ୍ତି । କିନ୍ତୁ ମୁଁ ତୁମକୁ ଆଗକୁ ମଧ୍ୟ (ବ୍ୟାଖ୍ୟା) ଶିଖାଉଛି । ବସ୍ତୁତଃ ସେ ମୋତେ ସମ୍ପୂର୍ଣ୍ଣ ସୁରେଃ ଫାତିହାର ବ୍ୟାଖ୍ୟା ଶିଖାଇ ଦେଲେ । ଏହି ଦୈବୀସ୍ୱପ୍ନର ଯଥାର୍ଥ ବାସ୍ତବ ପକ୍ଷେ ପବିତ୍ର କୁରଆନକୁ ବୁଝିବାର ସାମର୍ଥ ମୋ ଅନ୍ତରରେ ରଖି ଦିଆଯାଇଛି । ଆପଣ[ର.ଅ] ସଂସାରବାସୀଙ୍କୁ ଚ୍ୟାଲେଞ୍ଜ ଦେଲେ, ଯେ ଏହି ଶକ୍ତି ମୋ ମଧ୍ୟରେ ଏଭଳି ପ୍ରବିଷ୍ଟ କରି ଦିଆଯାଇଛି ଯେ ମୁଁ ଦାବି କରୁଛି କି **ମୁଁ ସୁରେଃ ଫାତିହାରୁ ହିଁ ସମସ୍ତ ଇସଲାମୀୟ ଶିକ୍ଷା ବର୍ଣ୍ଣନା କରିଦେଇ ପାରିବି ।**

ହଜରତ ମୁସଲେହ୍ ମଉଦ[ର.ଅ] କୁହନ୍ତି; ଆମ ସ୍କୁଲର ଫୁଟ୍‌ବଲ୍ ଦଳକୁ ଅମୃତସରରେ ମ୍ୟାଚ୍ ଜିତିବା ଫଳରେ ସେଠାକାର ଜଣେ ଧନାଢ୍ୟ ବ୍ୟକ୍ତି ଆମକୁ ନିମନ୍ତ୍ରଣ କଲେ । ଯେଉଁସ୍ଥଳେ କି ମୋତେ ବକ୍ତୃତା ଦେବା ପାଇଁ ଛିଡ଼ା କରି ଦିଆଗଲା । ସେତେବେଳେ ମୋର ଦୁଆ କରିବା ଫଳରେ ଐଶ୍ୱର୍ଯ୍ୟମୟ ପ୍ରଭୁ ମୋ ହୃଦୟରେ ସୁରେଃ ଫାତିହାର ଏକ ଅଭିନବ ତଥ୍ୟ ଉତ୍ପନ୍ନ କରିଦେଲେ ଏବଂ ମୁଁ କହିଲି, ଦେଖ ପବିତ୍ର କୁରଆନରେ ଅଲ୍ଲାଃତାଲା ଆମକୁ ଏହି ଦୁଆ ଶିଖାଇଛନ୍ତି; ଗୈରିଲ୍ ମଗ୍‌ଯୁବେ ଆଲୈହିମ୍ ଓ୍ୱଲଜ୍ୱାଲିନ୍ ତେବେ ଗୈରିଲ୍ ମଗ୍‌ଯୁବେରୁ ଯଥାର୍ଥ ଏହିକି ଯେ ଆମେମାନେ ୟହୁଦିମାନଙ୍କ ପରି ହୋଇ ନଯାଉ ଏବଂ ଓ୍ୱଲଜ୍ୱାଲିନ୍‌ରୁ ଯଥାର୍ଥ ଏହିକି ଯେ ଆମେମାନେ ନସାରା (ଖ୍ରୀଷ୍ଟଧର୍ମାବଲମ୍ବୀ)ଙ୍କ ପରି ହୋଇ ନଯାଉ । ଏହାର ଅଧିକ ବ୍ୟାଖ୍ୟା ହଜୁର[ସ.ଅ] ଏପରି ମଧ୍ୟ କରିଛନ୍ତି, ଯେ ଏହି ସମ୍ପ୍ରଦାୟରେ ଜଣେ ମସିହଙ୍କର ଆଗମନ ହେବ, ଯେଉଁମାନେ ତାଙ୍କର ଅବଜ୍ଞା କରିବେ ସେମାନେ ଇହୁଦିମାନଙ୍କ ପରି ହୋଇଯିବେ । ଆଉ କେତେକ ନିଜ ଧାର୍ମିକ ଶିକ୍ଷାକୁ ବୁଝି ନପାରି ଖ୍ରୀଷ୍ଟଧର୍ମାବଲମ୍ବୀ ହୋଇଯିବେ । ଆଶ୍ଚର୍ଯ୍ୟଜନକ କଥା ଏହିକି ଯେ ସୁରେଃ ଫାତିହା ମକ୍କାରେ ଅବତୀର୍ଣ୍ଣ ହୋଇଥିଲା ଏବଂ ସେତେବେଳେ ମୁସଲମାନମାନଙ୍କର ସବୁଠାରୁ ବଡ଼ ବିରୋଧୀ ମକ୍କାର ଅମାନ୍ୟକାରୀ ଥିଲେ । କିନ୍ତୁ ସେଥିରେ ଏହି ଦୁଆର ଶିକ୍ଷା ଦିଆଗଲା ନାହିଁ ଯେ ହେ ପ୍ରଭୁ ! ଆମ୍ଭେମାନେ ପ୍ରତିମା ପୂଜକ ପାଲଟି ନଯାଉ ବରଂ ଏହି ଦୁଆ ଶିଖାଗଲା ଯେ ହେ ପ୍ରଭୁ ! ଆମ୍ଭେମାନେ ଇହୁଦି ଅବା ନସାରାଙ୍କ ପରି ହୋଇ ନଯାଉ । ଅର୍ଥାତ ସର୍ବଶକ୍ତିମାନ ପ୍ରଭୁ ଏହି ଭବିଷ୍ୟତ ବାଣୀ କରିଦେଲେ, **ଯେ ମକ୍କାର ପ୍ରତିମା ପୂଜକମାନେ ଚିରକାଳ ପାଇଁ ନିପାତ ହୋଇଯିବେ । କିନ୍ତୁ ଇହୁଦି ଓ ଖ୍ରୀଷ୍ଟଧର୍ମାବଲମ୍ବୀ ବାକି ରହିବେ, ଯାହାଙ୍କ ଫିତ୍‌ନା (କୁମନ୍ତ୍ରଣା)ରୁ ରକ୍ଷା ପାଇବା ସକାଶେ ସର୍ବଦା ଏହି ଦୁଆ ପ୍ରାର୍ଥନା କରିବା ଅନିବାର୍ଯ୍ୟ ।** ଯେତେବେଳେ ମୋର ଏହି ବକ୍ତୃତା ଶେଷ ହେଲା ସେତେବେଳେ ବଡ଼ ବଡ଼ ଧନାଢ୍ୟ ଓ ବିଦ୍ୱାନ ବ୍ୟକ୍ତିମାନେ କହିଲେ; ଆପଣ[ର.ଅ] ପବିତ୍ର କୁରଆନ ବେଶ ଭଲ ଭାବରେ ଅଧ୍ୟୟନ ଓ ଅନୁଶୀଳନ କରିଛନ୍ତି । ଆମେମାନେ ତ ନିଜର ସାରା ଜୀବନରେ ଏପରି ଅଭିନବ ତଥ୍ୟ ପୂର୍ବରୁ କଦାପି ଶୁଣି ନଥିଲୁ । ବସ୍ତୁତଃ ସତ୍ୟ ଏହିକି ଯେ ସମସ୍ତ ବ୍ୟଖ୍ୟାକାରୀଙ୍କ ବ୍ୟଖ୍ୟାକୁ ଦେଖି ନିଅ ପବିତ୍ର କୁରଆନର ଏପରି ଗୂଢ଼ ତଥ୍ୟ ଆଜି ପର୍ଯ୍ୟନ୍ତ କେହି ବର୍ଣ୍ଣନା କରି ନାହାନ୍ତି । ଯେତେବେଳେ କି ଉକ୍ତ

ଅବସରରେ ମୋର ବୟସ ମାତ୍ର ୨୦ବର୍ଷ ଥିଲା ଏବଂ ଐଶ୍ୱର୍ଯ୍ୟମୟ ପ୍ରଭୁ ମୋତେ ଏହି ଗୂଢ ତଥ୍ୟମାନ ଶିଖାଇଥିଲେ ।

ହଜରତ ମୁସଲେହ୍ ମଉଦ[ର.ଅ] କୁହନ୍ତି; ମୋର ବୟସ ୧୧ ବର୍ଷ ହୋଇଥିଲି ଯେ ମୋ ମନରେ ଏହି ପ୍ରଶ୍ନ ଉଙ୍କି ମାରିଲା କି ଆମେ କାହିଁକି ପରମେଶ୍ୱରଙ୍କୁ ବିଶ୍ୱାସ କରୁଛେ ? ତାଙ୍କ ଅସ୍ତିତ୍ୱର ପ୍ରମାଣ କ'ଣ ? ମୁଁ ଏହି ପ୍ରସଙ୍ଗରେ ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ଚିନ୍ତା କଲି । ଶେଷରେ ୧୦/୧୧ ଘଟିକା ସମୟରେ ମୋ ହୃଦୟ ଏହି କଥାରେ ଉପନୀତ ହେଲା ଯେ, ହଁ ପରମେଶ୍ୱର ଏକ ଓ ଅଦ୍ୱିତୀୟ । ତାହା ମୋ ପାଇଁ ଅତି ଆନନ୍ଦର ମୁହୂର୍ତ୍ତ ଥିଲା, କାରଣ ମୋର ସୃଷ୍ଟିକର୍ତ୍ତା ମୋତେ ମିଳି ଯାଇଥିଲେ । ସେତେବେଳେ ମୁଁ ଶୁଣିଥିବା ବିଶ୍ୱାସ ଜ୍ଞାନ ଭିତ୍ତିକ ବିଶ୍ୱାସରେ ପରିଣତ ହୋଇଗଲା । ମୁଁ ଅଲ୍ଲାଃତାଲାଙ୍କ ସମକ୍ଷରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଏହି ଦୁଆ କରିଥିଲି ଯେ ହେ ପ୍ରଭୁ ! ମୋ ମନରେ ତୁମ ଅସ୍ତିତ୍ୱ ସଂକ୍ରାନ୍ତରେ କଦାପି ତିଳେ ମାତ୍ର ଶଙ୍କା ସୃଷ୍ଟି ନହେଉ । ଆଜି ମୁଁ ୨୦ବର୍ଷରେ ଉପନୀତ ହୋଇଗଲିଣି ଏବଂ ବର୍ତ୍ତମାନ ମୁଁ ପ୍ରଭୁଙ୍କୁ ଏହି ଦୁଆ ମାଗୁଛି ଯେ ହେ ପ୍ରଭୁ ! ମୋତେ ତୁମ ଅସ୍ତିତ୍ୱ ପ୍ରସଙ୍ଗରେ ଦୃଢ ବିଶ୍ୱାସ ସ୍ଥାପନ କରାଅ । ଆପଣ[ର.ଅ] କୁହନ୍ତି; ଯେତେବେଳେ ପରମେଶ୍ୱରଙ୍କ ଅସ୍ତିତ୍ୱ ମୋ ଉପରେ ସ୍ୱଷ୍ଟ ରୂପେ ପ୍ରମାଣିତ ହେଲା ସେତେବେଳେ ହଜରତ ମୁହମ୍ମଦ ମୁସ୍ତଫା[ସ.ଅ] ଓ ହଜରତ ମସିହ ମଉଦ [ଅ.ସ]ଙ୍କ ସତ୍ୟବାଦୀ ହେବା ମଧ୍ୟ ମୋ ଉପରେ ଉନ୍ମୋଚିତ ହୋଇଗଲା । ସେ ଯାହା ହେଉ ଏହା ଏକ ବଳିଷ୍ଠ ପ୍ରମାଣ ଯେ ଅଲ୍ଲାଃତାଲା ଆପଣ [ର.ଅ]ଙ୍କୁ ପ୍ରକାଶ୍ୟ ଓ ଅପ୍ରକାଶ୍ୟ ଜ୍ଞାନରେ ପରିପୂର୍ଣ୍ଣ କରିବେ ।

ଜମାଅତ ଅହେମଦିୟାର ପ୍ରଥମ ଖଲିଫା ଏହା ହିଁ ବୁଝିଥିଲେ, ଯେ ଏହି ବାଳକ ହିଁ ମୁସଲେହ୍ ମଉଦ ଅର୍ଥାତ ଅଙ୍ଗୀକାର ସଂସ୍କାରକର ଦୃଷ୍ଟାନ୍ତ ହେବ । ହଜରତ ମୁସଲେହ୍ ମଉଦ ପତ୍ରିକା 'ତଶ୍ହିଯୁଲ୍ ଅଜହାନ୍'କୁ ପ୍ରଭାବଶାଳୀ କରିବା ସକାଶେ ତାହାକୁ ପ୍ରକାଶ କରିବାର ଉଦ୍ଦେଶ୍ୟ ଓ ଗୁରୁତ୍ୱ ପ୍ରସଙ୍ଗରେ ଗୋଟିଏ ପ୍ରବନ୍ଧ ଲେଖିଲେ, ଯାହାର ପ୍ରଥମ ଖଲିଫା ହଜରତ ମସିହ ମଉଦ [ଅ.ସ]ଙ୍କ ନିକଟରେ ବହୁତ ପ୍ରଶଂସା କଲେ । ପରବର୍ତ୍ତୀ ସମୟରେ ଆପଣ ବ୍ୟକ୍ତିଗତ ସ୍ତରରେ ମଧ୍ୟ ହଜରତ ମୁସଲେହ୍ ମଉଦଙ୍କୁ କହିଲେ; ମିଆଁ ତୁମ ରଚିତ ପ୍ରବନ୍ଧଟି ଅତି ସୁନ୍ଦର ଓ ମର୍ମସ୍ପର୍ଶୀ ଥିଲା କିନ୍ତୁ ମୋ ହୃଦୟ ଆନନ୍ଦିତ ନୁହେଁ କାରଣ ତୁମ ସମ୍ମୁଖରେ ହଜରତ ମସିହ ମଉଦ [ଅ.ସ]ଙ୍କ ଆଲେଖ୍ୟ 'ବରାହିନେ ଅହେମଦିୟା' ରହିଛି । ମୋର ଆଶା ଥିଲା ଯେ ତୁମେ ସେଥିରୁ ଉପକୃତ ହୋଇ ତା'ଠାରୁ ବଳି କିଛି ଲେଖିବ । ଏପରି କହିବାରେ ପ୍ରଥମ ଖଲିଫାଙ୍କ ଉଦ୍ଦେଶ୍ୟ ଏହା ଥିଲା କି ପୂର୍ବରୁ ସ୍ଥାପିତ ଭିତ୍ତିଭୂମିକୁ ତୁମେ ଅଧିକ ଉଚ୍ଚା କରିବ । ହଜରତ ମୁସଲେହ୍ ମଉଦ[ର.ଅ] କୁହନ୍ତି; **ଏହା ଏକ ଏପରି ବିଷୟ ଯଦି, ତାହାକୁ ଆସନ୍ତା ପିଢୀ ସ୍ମରଣ ରଖନ୍ତି ତେବେ ନିଜେ ମଧ୍ୟ ତାହାର କଲ୍ୟାଣ ଓ ଅମୂଲ୍ୟ କୃପାରୁ ଉପକୃତ ହେବେ ଏବଂ ନିଜ ସମ୍ପ୍ରଦାୟ ପାଇଁ ମଧ୍ୟ କଲ୍ୟାଣ ଓ କୃପାକୁ ଟାଣି ଆଣିବେ ।** କିନ୍ତୁ ନିଜ ଗୁରୁଜନମାନଙ୍କ ଠାରୁ ଆଗକୁ ବଢିବାର ପ୍ରୟାସ କେବଳ ପୁଣ୍ୟ କର୍ମରେ ହେବା ଉଚିତ୍ । ଏହା ନୁହେଁ କି ଚୋର, ଡ଼କାୟତର ପୁତ୍ର ସେହି ଅପକର୍ମରେ ଲିପ୍ତ ହୋଇଯାଉ ଯେ ମୁଁ ନିଜ ପିତା ଠାରୁ ବଢି ବଡ଼ ବଡ଼ ଚୋରି କରିବି । ବରଂ ତାହାର ଯଥାର୍ଥ ନମାଜୀ ବ୍ୟକ୍ତିର ସନ୍ତାନ ସର୍ବଦା ଏହି ଚେଷ୍ଟା କରୁ କି ସେ ନିଜ ପିତା ଠାରୁ ବଢି ଅଧିକ ଉତ୍ତମ ରୂପେ ନମାଜ ପାଠ କରିବ । ପ୍ରଥମ ଖଲିଫା ଆପଣ [ର.ଅ]ଙ୍କ ସ୍ୱାସ୍ଥ୍ୟାବସ୍ଥା ଓ ଜ୍ଞାନ ଆହରଣ ପ୍ରସଙ୍ଗରେ ଅବଗତ ଥିବା ସତ୍ତ୍ୱେ ଆପଣ [ର.ଅ]ଙ୍କ ସମ୍ବନ୍ଧରେ ଏଭଳି ଉଚ୍ଚାକାଂକ୍ଷା ପୋଷଣ କରିଥିଲେ, **ଯେ ଏହି ଯୁବକ ଏଭଳି ଦକ୍ଷତାର ଅଧିକାରୀ ଯେ ସେ ଉତ୍ତମରୁ ଅତିଉତ୍ତମ ପ୍ରବନ୍ଧ ଲେଖି ପାରିବ ।**

ହଜରତ ମୁସଲେହ୍ ମଉଦ[ର.ଅ] କୁହନ୍ତି; ଯେତେବେଳେ ଡ଼ାକ୍ତରମାନେ କହିଲେ; ଯେ ମୁଁ ନିଜର ଦୃଷ୍ଟିଶକ୍ତି ହରାଇ ଦେବି ସେତେବେଳେ ହଜରତ ମସିହ ମଉଦ[ଅ.ସ] ମୋ ସ୍ୱାସ୍ଥ୍ୟ ପ୍ରତି ଚିନ୍ତିତ ହୋଇ ବିଶେଷ ଦୁଆ ପ୍ରାର୍ଥନା କରିବା ଆରମ୍ଭ କରିଦେଲେ ଏବଂ ତତ୍‌ସହିତ ଉପବାସ ମଧ୍ୟ କଲେ । ଯେତେବେଳେ ହଜୁର[ଅ.ସ] ଶେଷ ଉପବାସ

ଭାଙ୍ଗିବା (ଇଫତାରୀ କରିବା) ସକାଶେ କିଛି ଖାଦ୍ୟ ସେବନ କରିବାକୁ ଯାଉଥିଲେ ସେତେବେଳେ ହଠାତ୍ ମୁଁ ଆଖି ଖୋଲିଲି ଏବଂ ଉଚ୍ଚ ସ୍ୱରରେ କହିଲି, ମୁଁ ସବୁକିଛି ଦେଖି ପାରୁଛି । ହଜରତ ମସିହ ମଉଦ[ଅ.ସ] ମୋତେ ଅନେକ ଥର ଏହି କଥା କହିଥିବେ, ଯେ ମୌଲବୀ ସାହେବ ଅର୍ଥାତ ପ୍ରଥମ ଖଲିଫାଙ୍କ ଠାରୁ ପବିତ୍ର କୁରଆନର ଅନୁବାଦ ଓ ବୁଖାରୀର ଶିକ୍ଷା ହାସଲ କର । ଏଥିସହିତ ଆଉ କିଛି ଭେଷଜ ବିଦ୍ୟା ଅଧ୍ୟୟନ କରିନିଅ କାରଣ ଏହା ଆମ ବଂଶଗତ କଳା । ଅତଏବ ମୁଁ ପ୍ରଥମ ଖଲିଫାଙ୍କ ଠାରୁ ଭେଷଜ ବିଦ୍ୟା, ପବିତ୍ର କୁରଆନର ବ୍ୟାଖ୍ୟା ଓ ବୁଖାରୀ ଆଦି ବିଦ୍ୟା ଅର୍ଜନ କରିଥିଲି । ଏତଦ୍ ବ୍ୟତୀତ ଆପଣ ମୋତେ କିଛି ଆରବୀ ପତ୍ରପତ୍ରିକା ମଧ୍ୟ ପଢାଇଥିଲେ ତେବେ ଏହା ହିଁ ମୋର ସମୁଦାୟ ପାଠ ପଢା ଥିଲା ।

ଅଲ୍ଲାଃତାଲା ହଜରତ ମୁସଲେହ୍ ମଉଦ[ର.ଅ]ଙ୍କୁ ସମସ୍ତ ପ୍ରକାରର ଜ୍ଞାନରେ ଏଭଳି ପରିପୂର୍ଣ୍ଣ କରିଦେଲେ, ଯେ ଆପଣଙ୍କ ୫୨ ବର୍ଷିୟ (ଖିଲାଫତ୍) କାଳ ଏହାର ଜ୍ୱଳନ୍ତ ପ୍ରମାଣ ତାହା ଧାର୍ମିକ ଜ୍ଞାନ ପ୍ରସଙ୍ଗୀୟ ପ୍ରଶ୍ନ ହେଉ ଅବା ସାଂସାରିକ ସମ୍ପର୍କିତ ବିଷୟ ଯେତେବେଳେ ଆପଣ କୌଣସି ବିଷୟରେ ଲେଖିବା ଓ କହିବା ଆରମ୍ଭ କରୁଥିଲେ ସେତେବେଳେ ଆପଣଙ୍କ ଠାରୁ ଜ୍ଞାନର ଅମୂଲ୍ୟ ମୁକ୍ତା ମାଣିକ ଝରି ପଡୁଥିଲା । ଅନେକ ଅବସରରେ ଆପଣ [ର.ଅ]ଙ୍କର ବକ୍ତୃତାରେ ପର ଆପଣା ସଭିଏଁ ଖୋଲା ମନରେ ବାଃ ! ବାଃ ! କହି ଧନ୍ୟବାଦ ଦେଉଥିଲେ... ଏପରିକି ଖବର କାଗଜରେ ମଧ୍ୟ ତାହା ପ୍ରକାଶିତ ହେଉଥିଲା ।

ହଜରତ ମୁସଲେହ୍ ମଉଦ[ର.ଅ] କୁହନ୍ତି; ଅଲ୍ଲାଃତାଲା ନିଜ ଐଶୀବାଣୀ ଓ ଇଙ୍ଗିତ ମାଧ୍ୟମରେ ମୋ ଉପରେ ପ୍ରକାଶ କଲେ ଯେ ଉକ୍ତ ଭବିଷ୍ୟତ ବାଣୀଟି ମୋ ଅସ୍ତିତ୍ୱରେ ପୂରଣ କରିଦେଇଛନ୍ତି । ବର୍ତ୍ତମାନ ଇସଲାମର ଶତ୍ରୁମାନଙ୍କ ଉପରେ ସତ୍ୟତା ସମ୍ପୂର୍ଣ୍ଣ କରି ଦେଇଛନ୍ତି, ଯେ ଇସଲାମ ହିଁ ପରମେଶ୍ୱରଙ୍କର ସତ୍ ଧର୍ମ, ହଜରତ ମୁହମ୍ମଦ ମୁସ୍ତଫା[ସ.ଅ] ପରମେଶ୍ୱରଙ୍କର ସତ୍ୟବାଦୀ ଅବତାର ଓ ହଜରତ ମସିହ ମଉଦ[ଅ.ସ] ପରମେଶ୍ୱରଙ୍କର ସଚ୍ଚୋଟ ପ୍ରେରିତ ବାର୍ତ୍ତାବହ ।

ସୁତରାଂ ଏହି ଭବିଷ୍ୟତ ବାଣୀ ତ ପୂରଣ ହୋଇଗଲା କିନ୍ତୁ ଭବିଷ୍ୟତ ବାଣୀର ଶବ୍ଦମାନ ଇନ୍‌ଶା ଅଲ୍ଲାଃ ସେପର୍ଯ୍ୟନ୍ତ ଅବ୍ୟାହତ ରହିବ ଯେପର୍ଯ୍ୟନ୍ତ ହଜରତ ମସିହ ମଉଦ [ଅ.ସ]ଙ୍କ ମିଶନ୍ ପୂରଣ ହୋଇ ନାହିଁ ଏବଂ ଇସଲାମର ଧ୍ୱଜା ସମଗ୍ର ବିଶ୍ୱରେ ଉଡ଼ି ନାହିଁ । ଏହି ଭବିଷ୍ୟତ ବାଣୀ ପରିପ୍ରେକ୍ଷୀରେ ଆମ ଜଲସାମାନ ସେତେବେଳେ ଫଳପ୍ରଦ ହେବ ଯେତେବେଳେ ଆମେ ସେହି ଉଦ୍ଦେଶ୍ୟକୁ ସର୍ବଦା ସ୍ମରଣ ରଖିବା ଯେ ଆମେମାନେ ହଜରତ ମୁହମ୍ମଦ ମୁସ୍ତଫା [ସ.ଅ]ଙ୍କ ମର୍ଯ୍ୟାଦା ଓ ଗୌରବକୁ ସଂସାରବାସୀଙ୍କ ସମ୍ମୁଖରେ ଉପସ୍ଥାପନ କରିବା ଏବଂ ଇସଲାମର ସତ୍ୟତା ବିଶ୍ୱବାସୀଙ୍କୁ ଅବଗତ କରେଇ ହଜୁର [ସ.ଅ]ଙ୍କ ବାନା ତଳେ ସମସ୍ତଙ୍କୁ ଏକତ୍ରିତ କରିବା । ଆଜି ହଜରତ ମସିହ ମଉଦ [ଅ.ସ]ଙ୍କ ଅନୁଗାମୀଙ୍କ ବ୍ୟତୀତ ଅନ୍ୟ କେହି ନାହାନ୍ତି ଯାହାଙ୍କ ମାଧ୍ୟମରେ ଇସଲାମର ଧ୍ୱଜା ପୁର୍ନବାର ବିଶ୍ୱରେ ଉଡ଼ିବ । ଅଲ୍ଲାଃତାଲା ଆମ୍ଭମାନଙ୍କୁ ଏଥିନିମନ୍ତେ ଶକ୍ତି ପ୍ରଦାନ କରନ୍ତୁ । (ଆମିନ୍)

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ୱ୍ ନସ୍‌ତଈନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଈୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱ୍ନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱ୍ରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ୱ୍ଲ୍ ଇହ୍‌ସାନି ୱ୍ଇତାଇଜିଲ କୁର୍‌ବା ୱ୍ୟନ୍‌ହା ଅନିଲ୍ ଫହ୍‌ଶାଇ ୱ୍ଲ୍ ମୁନ୍‌କରି ୱ୍ଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a

18th February 2022